ଉତ୍କଳର ମୁଫସଲରେ ଶୋକସଭା

ଭଦ୍ରକରେ ଶୋକ

ଭଦ୍ରକ, ତା ୫।୨।୩୪

ଗତ ସୋମବାର ଦିନ ଉତ୍କଳର କର୍ମବୀର ମଧୁସୂଦନଙ୍କ ବିୟୋଗରେ ଦୁଃଖ ପ୍ରକାଶ ପାଇଁ ଭଦ୍ରକ ହାଇସ୍କୁଲର ଶିକ୍ଷକ ଓ ଛାତ୍ରମାନେ ଗୋଟିଏ ଶୋକସଭା କରିଥିଲେ । ହେଡ଼ମାଷ୍ଟର ଶ୍ରୀଯୁକ୍ତ ଗୋକୁଳାନନ୍ଦ ନାୟକ ସଭାପତି ହୋଇଥିଲେ । ଶ୍ରୀଯୁକ୍ତ ଉପେନ୍ଦ୍ର ପ୍ରସାଦ ବାବୁ ବଡ଼ ମର୍ମସ୍ପର୍ଶୀ ଭାଷାରେ ମଧୁସୂଦନଙ୍କ ମଧୁମୟ ଜୀବନ ଆଲୋଚନା କରିଥିଲେ ଏବଂ ଛାତ୍ରମାନଙ୍କୁ ମଧୁବାବୁଙ୍କ ଆଦର୍ଶ ଗ୍ରହଣ କରିବାକୁ ଉପଦେଶ ଦେଇଥିଲେ । ଶେଷରେ ହେଡ଼ମାଷ୍ଟର ମହୋଦୟ କହିଥିଲେ—ମଧୁବାବୁଙ୍କ ସମ୍ବନ୍ଧରେ ଯେ ସର୍ବୋତ୍କୃଷ୍ଟ ରଚନା ବା କବିତା ଲେଖିପାରିବ ତାକୁ ବାର୍ଷିକ ପୁରସ୍କାର ବିତରଣ ସମୟରେ ୫ ଟଙ୍କାର ପୁରସ୍କାର ଦିଆଯିବ ।

ଜବଦର ଶ୍ରୀଯୁକ୍ତ ଚନ୍ଦ୍ରାମଣି ମହାନ୍ତି ମହୋଦୟ ଦୈନିକ ସମାଜରେ ମଧୁବାବୁଙ୍କ ତିରୋଧାନ ଦୁଃସମ୍ବାଦ ପାଠକରି ରୋଗଶଯ୍ୟାରେ ଅତ୍ୟନ୍ତ ବ୍ୟଥିତ ହୋଇପଡ଼ିଲେ । ସେଠାରେ ଯେଉଁମାନେ ଉପସ୍ଥିତ ଥିଲେ ସେମାନଙ୍କୁ ନେଇ ତତ୍କ୍ଷଣାତ୍ ସଭା ହୋଇଥିଲା । ସେ ସଭାପତି ହୋଇଥିଲେ ହେଁ ଶୋକାବେଗରେ ଅଧିକ କିଛି କହିପାରିଲେ ନାହିଁ । ଉତ୍କଳର ମେରୁଦଣ୍ଡ ଭାଙ୍ଗିଗଲା ବୋଲି କହି ଅଶ୍ରୁଧାରରେ ସ୍ୱର୍ଗତଃ ଆତ୍ମାର ତର୍ପଣ ବିଧାନ କରିଥିଲେ । ଶେଷରେ ସଭାରେ ଭଗବଦ୍‌ଗୀତା ପଠିତ ହୋଇ ମଧୁବାବୁଙ୍କର ପାରଲୌକିକ ମଙ୍ଗଳ କାମନା କରାଯାଇଥିଲା ।

କୁଜଙ୍ଗରେ ଶୋକ ସଭା

କୁଜଙ୍ଗ, ତା ୫।୨।୩୪

ଉତ୍କଳର କୁଳବୃଦ୍ଧ ଶ୍ରୀଯୁକ୍ତ ମଧୁସୂଦନ ଦାସ ସିଃ ଆଇଃ ଇଙ୍କର ମୃତ୍ୟୁରେ ଦୁଃଖ ପ୍ରକାଶ କରିବା ନିମନ୍ତେ ଗତକାଲି ଏଠାରେ ଗୋଟିଏ ସାଧାରଣ ସଭା ହୋଇଥିଲା । ସ୍ଥାନୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କେଶବେଶ୍ୱର ବସୁ ସଭାପତି ହୋଇଥିଲେ । ଶ୍ରୀଯୁକ୍ତ ହରିହର ମହାପାତ୍ର, ଶ୍ରୀଯୁକ୍ତ ପ୍ରହ୍ଲାଦଚନ୍ଦ୍ର ପଟ୍ଟନାୟକ, ଶ୍ରୀଯୁକ୍ତ ରୂପାସିନ୍ଧୁ ପରିଡ଼ା ଏବଂ ଶ୍ରୀଯୁକ୍ତ ଗଣେଶ ଚରଣ ଦାସ ମଧୁବାବୁଙ୍କର ଜୀବନର କାର୍ଯ୍ୟାବଳୀ ଆଲୋଚନା କରି ବକ୍ତୃତା କରିଥିଲେ ଏବଂ ତାଙ୍କ ମୃତ୍ୟୁରେ ଦେଶର ଓ ଜାତିର କେତେ କ୍ଷତି ହେଲା ତାହା ଦର୍ଶାଇ ଦେଇଥିଲେ । ଶେଷରେ ସଭାପତି ମହୋଦୟ ମଧୁବାବୁଙ୍କର ଜୀବନର ମହତ୍ତ୍ୱ ସମ୍ବନ୍ଧରେ ଗୋଟିଏ ଶିକ୍ଷାପ୍ରଦ ବକ୍ତୃତା ଦେଇଥିଲେ । ନିମ୍ନଲିଖିତ ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ।

ଉତ୍କଳର କୁଳବୃଦ୍ଧ ମଧୁସୂଦନ ସିଃ ଆଇଃଇ ବିୟୋଗରେ କୁଜଙ୍ଗର ଏ ଜନସଭା ଗଭୀର ଶୋକ ପ୍ରକାଶ କରୁଅଛି ଏବଂ ତାଙ୍କ ଆତ୍ମାର ସଦ୍ଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଅଛି । ଏ ପ୍ରସ୍ତାବର ନକଲ ଶୋକସନ୍ତପ୍ତ ଦେବୀଙ୍କୁ ପଠାଯାଉ ।

ସେହିଦିନ ସ୍ଥାନୀୟ ହାଇସ୍କୁଲ ମଧୁବାବୁଙ୍କ ମୃତ୍ୟୁରେ ଶୋକ ପ୍ରକାଶର ଚିହ୍ନସ୍ୱରୂପ ବନ୍ଦ ହୋଇଥିଲା । ହାଇସ୍କୁଲର ଶିକ୍ଷକ ଓ ଛାତ୍ରମାନେ ମଧ୍ୟ ସ୍କୁଲରେ ଗୋଟିଏ ସଭା କରିଥିଲେ ।

ରସୁଲକୋଣ୍ଡାରେ ମଧୁବାବୁଙ୍କ ସ୍ମୃତିପୂଜା ସଭା

ରସୁଲକୋଣ୍ଡା, ୧।୨।୩୪

ଗତ ଫେବୃଆରୀ ମାସ ୧୧ ତାରିଖ ଅପରାହ୍ଣ ଛଅ ଘଣ୍ଟା ସମୟରେ ରସୁଲକୋଣ୍ଡା ଧର୍ମସଂସ୍ଥାପକ ପାଠାଗାର କୋଠାରେ ସ୍ୱର୍ଗୀୟ କୁଳବୃଦ୍ଧ ମଧୁବାବୁଙ୍କ ସ୍ମୃତି ପୂଜା ଉଦ୍ଦେଶ୍ୟରେ ସ୍ଥାନୀୟ ଯୁବକ ସଙ୍ଘର ଗୋଟିଏ ସଭା ହୋଇଥିଲା । ସ୍ଥାନୀୟ ମୁନସିଫ କୋର୍ଟର ସହକାରୀ ସଭାପତି ଓ ଶ୍ରୀଯୁକ୍ତ ଜଳସ୍ୱାମୀ ସ୍ୱାମୀ ମହାଶୟ ସଭାପତି ହୋଇଥିଲେ । ପ୍ରଥମେ ଶ୍ରୀମାନ୍ ଅର୍ଜୁନ ପାଠୀ ମହାଶୟ ସ୍ୱର୍ଗତଃ ମଧୁବାବୁଙ୍କ ଓଡ଼ିଆ ଜାତିର କଲ୍ୟାଣ ନିମନ୍ତେ ସର୍ବୋତ୍ସର୍ଗ ବିଷୟରେ କହିବାକୁ ଯାଇ ତାଙ୍କର ଗୁଣାବଳୀ କୀର୍ତ୍ତନ କରିଥିଲେ । ତାପରେ ଶ୍ରୀମାନ୍ ମଦନ ମୋହନ ପଟ୍ଟନାୟକ, ଶ୍ରୀମାନ୍ ଚନ୍ଦ୍ରଶେଖର ପଟ୍ଟନାୟକ ପ୍ରମୁଖ ମଧୁବାବୁଙ୍କ ବିଷୟରେ ବହୁ କହିବା ପରେ ସଭାପତି ଶ୍ରୀଯୁକ୍ତ ଜଳସ୍ୱାମୀ ବାବୁ କହିଲେ, "ଆପଣମାନେ ଆଜି ଯେପରିଭାବେ ସ୍ୱର୍ଗୀୟ ମଧୁବାବୁଙ୍କ ମୌଖିକ ସ୍ମୃତି ପୂଜାର ଯୋଗାଡ଼ କରିଛନ୍ତି ମୁଁ ସେଥିରେ ସନ୍ତୁଷ୍ଟ ନୁହେଁ, ଯେହେତୁ ଏହା ହୃଦସ୍ପର୍ଶୀ କିମ୍ବା ସ୍ଥାୟୀ ନୁହେଁ । ଏତେବଡ଼ ମହାପୁରୁଷଙ୍କ ସ୍ମୃତି ରକ୍ଷାର୍ଥେ କୌଣସି ସ୍ଥାୟୀ ଅନୁଷ୍ଠାନ ଯୋଗାଡ଼ କରିପାରିଲେ ମଧୁବାବୁ ଚିରସ୍ମରଣୀୟ ହୋଇ ପାରନ୍ତେ ।" ଏହା କହି ସଭାପତି ଉପସ୍ଥିତ ମର୍ମରେ ନିମ୍ନଲିଖିତ ମତେ ଗୋଟିଏ ପ୍ରସ୍ତାବ ଆଗତ କଲେ —

"ସ୍ୱର୍ଗତ ମଧୁବାବୁଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସଙ୍ଗେ ସଙ୍ଗେ ତାଙ୍କ ସ୍ମୃତିରକ୍ଷାର୍ଥେ ଉପସ୍ଥିତ ଭଦ୍ରମଣ୍ଡଳୀ ଓ ସର୍ବସାଧାରଣଙ୍କ ନିକଟରୁ ଯଥା ସମ୍ଭବ ଚାନ୍ଦା ସଂଗ୍ରହ କରି ସ୍ଥାନୀୟ ହାଇସ୍କୁଲର କୌଣସି ଗୋଟିଏ କିମ୍ବା ଦୁଇଟି ଛାତ୍ରଙ୍କ ନିମନ୍ତେ ଛାତ୍ରବୃତ୍ତି ପାଣ୍ଠି ଅନୁଷ୍ଠିତ ହେଉ ଏବଂ ଏ ବିଷୟରେ ଚାନ୍ଦାସଂଗ୍ରହ ଉଦ୍ଦେଶ୍ୟରେ ଶ୍ରୀମାନ୍ ସତ୍ୟନାରାୟଣ ତ୍ରିପାଠୀ, ଶ୍ରୀମାନ୍ ମଦନ ମୋହନ ପଟ୍ଟନାୟକ, ଶ୍ରୀମାନ୍ ଚନ୍ଦ୍ରଶେଖର ପଟ୍ଟନାୟକଙ୍କୁ ନେଇ ଗୋଟିଏ କମିଟି ହେଉ ସେମାନଙ୍କ ଉପରେ ଏହି ଚାନ୍ଦା ସଂଗ୍ରହ ଭାର ନ୍ୟସ୍ତ କରାଯାଉ ।" ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇ ଯାଇଛି । ଏ ବିଷୟରେ ଚାନ୍ଦାସଂଗ୍ରହ ସମ୍ପାଦକ ଗଦାଧର ତ୍ରିପାଠୀ । ଧନ୍ୟବାଦାଦି କାର୍ଯ୍ୟର ଭାର ସଭାପତି ଶ୍ରୀଯୁକ୍ତ ଜଳସ୍ୱାମୀ ସ୍ୱାମୀଙ୍କୁ ଦିଆଗଲା ।

ସଭାପତି ଜଳସ୍ୱାମୀ ବାବୁଙ୍କ "ମଧୁସୂଦନ ଛାତ୍ରବୃତ୍ତି ପାଣ୍ଠି" ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇ ସଭାସ୍ଥଳରେ ଉପସ୍ଥିତ ଭଦ୍ରମଣ୍ଡଳୀଙ୍କ ମଧ୍ୟରୁ ୨୫ଟଙ୍କା ଚାନ୍ଦା ସଂଗୃହୀତ ହୋଇଥିଲା । ପରିଶେଷରେ ମଧୁବାବୁଙ୍କ ଆତ୍ମାର ସଦ୍ଗତି କାମନା କରି ସଭାର ସମସ୍ତ ଉପସ୍ଥିତ ଦଣ୍ଡାୟମାନ ହୋଇ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ ।

ଉତ୍କଳକେଶରୀ ମଧୁସୂଦନ ଦାସଙ୍କ ବିୟୋଗରେ ଶୋକସଭା

ବାଙ୍କୀ, ତା ୧୧।୨।୩୪

ଗତ ରବି ୮ଟା ସମୟରେ ଅତ୍ର ରଥଡ଼ା ଓଡ଼ିଆ ସମାଜ ଗୃହରେ କୁଳବୃଦ୍ଧ ମଧୁସୂଦନଙ୍କ ବିୟୋଗରେ ଏକ ଶୋକସଭା ହୋଇଥିଲା । ସମାଜର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ମହେନ୍ଦ୍ର ପ୍ରସାଦ ନାୟକ ସଭାପତିତ୍ୱରେ ଆସନ ଗ୍ରହଣ କରିଥିଲେ ।

ନିମ୍ନଲିଖିତ ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା—

ଉତ୍କଳ କେଶରୀ କୁଳବୃଦ୍ଧ ମଧୁସୂଦନଙ୍କ ବିୟୋଗରେ ଏ ସଭା ଗଭୀର ଶୋକ ପ୍ରକାଶ କରୁଅଛନ୍ତି ଏବଂ ତାଙ୍କ ଆତ୍ମାର ସଦ୍ଗତି ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛନ୍ତି ।

ପାରିକୁଦରେ ବସନ୍ତ

ଛଡ଼ପ, ତା ୧୧।୨।୩୪

ଛଡ଼ପ ଏବଂ ତାର ଆଖପାଖ ଗାଁମାନଙ୍କରେ ବସନ୍ତ ଦେଖାଗଲାଣି । ଛଡ଼ପରୁ ବି ଜଣେ ମରିଗଲାଣି । ଲୋକାଲବୋର୍ଡ ଏ ବିଷୟରେ କୌଣସି ପ୍ରତିକାର କରି ନାହାନ୍ତି । ଲୋକମାନେ ବସନ୍ତର ଭୟରେ ବସୁଛନ୍ତି । ଲୋକାଲବୋର୍ଡ ତରଫରୁ ଉପଯୁକ୍ତ ଡାକ୍ତର, କମ୍ପାଉଣ୍ଡର, ଟିକାଦିଆ ଅଚିରେ ଟିକା ଦେବା ନିତାନ୍ତ ଦରକାର ।

ବନମାଳୀପୁରରେ ଶୋକସଭା

ବନମାଳୀପୁର, ତା ୧୧।୨।୩୪

ମାନନୀୟ ମଧୁସୂଦନ ଦାସ ସି, ଆଇ,ଇ, ମହୋଦୟଙ୍କ ମୃତ୍ୟୁରେ ବନମାଳୀ ପୁରର ସାଧାରଣ ପାଠାଗାର'ରେ ଗତ ୧୦ ତାରିଖ ଗୋଟିଏ ସାଧାରଣ ଶୋକ-ସଭା ଅନୁଷ୍ଠିତ ହୋଇଥିଲା । ଅନେକ ସମ୍ଭ୍ରାନ୍ତ ବ୍ୟକ୍ତି ଉପସ୍ଥିତ ଥିଲେ ।

ମଧୁବାବୁଙ୍କର ଯଥାର୍ଥ ସ୍ମୃତିରକ୍ଷା ନିମନ୍ତେ କମିଟି-ସଭା ଯେ ପ୍ରସ୍ତାବ କରିବେ ତହିଁରେ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ଯଥାଶକ୍ତି ସାହାଯ୍ୟ କରିବାର ଧାର୍ଯ୍ୟ ହେଲା ।

ପରିଶେଷରେ ଶାନ୍ତିର ମହୋଦୟଙ୍କ ଆତ୍ମାର ସଦ୍ଗତି ନିମନ୍ତେ ସମବେତ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କଲେ ।

କୁଳବୃଦ୍ଧ ମଧୁସୂଦନଙ୍କ ବିୟୋଗରେ ଶୋକ ସଭା

କଲିକତା, ତା ୮।୨।୩୪

ଗତ ତା ୭।୨।୩୪ ରବି ୮ଟା ସମୟରେ କଲିକତା ଓଡ଼ିଆ ସମାଜ ଗୃହରେ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ବିୟୋଗରେ ଗୋଟିଏ ଶୋକସଭା ହୋଇଥିଲା । ଏହି ସଭାରେ ଶ୍ରୀଯୁକ୍ତ ଅପ୍ରତି ଚରଣ ନାୟକ, ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ନାୟକ, ଶ୍ରୀଯୁକ୍ତ ନରହରି ଚରଣ ଦାସ ପ୍ରଭୃତି ଅନେକ ଭଦ୍ରବ୍ୟକ୍ତି ଓ ମେଦିନୀପୁର ବିଦ୍ୟାଳୟ ସମସ୍ତ ଛାତ୍ର ମିଳି ପ୍ରାୟ ଶତାଧିକ ସଂଖ୍ୟାରେ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ଅତୁଳ ମିଶ୍ରଙ୍କ ପ୍ରସ୍ତାବ ଓ ଶ୍ରୀଯୁକ୍ତ ବୃନ୍ଦାବନ ପତିଙ୍କ ଅନୁମୋଦନ କ୍ରମେ ଉତ୍ସାହୀ ଯୁବକ କର୍ମୀ ଶ୍ରୀଯୁକ୍ତ ଅଭୟ ଚରଣ ନାୟକ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାପତିଙ୍କର ଅନୁରୋଧ କ୍ରମେ ସଭାରେ ଶ୍ରୀଯୁକ୍ତ ଅତୁଳ ମିଶ୍ର, ଶ୍ରୀଯୁକ୍ତ ବୃନ୍ଦାବନ ପତି, ଶ୍ରୀଯୁକ୍ତ ତ୍ରୈଲୋକ୍ୟନାଥ ଦାସ, ଶ୍ରୀଯୁକ୍ତ ଦାମୋଦର ମହାନ୍ତି ଓ ଶ୍ରୀଯୁକ୍ତ ରାମଚନ୍ଦ୍ର ... ସଂକ୍ଷେପରେ ମଧୁବାବୁଙ୍କର ଗୁଣାବଳୀ ବର୍ଣ୍ଣନା କରିଥିଲେ ଓ ତାଙ୍କର କର୍ମଜୀବନ ସମ୍ବନ୍ଧରେ ଭୂୟସୀ ପ୍ରଶଂସା କରିଥିଲେ । ସେମାନେ ମଧ୍ୟ ହତଭାଗ୍ୟ ଓଡ଼ିଶା ଉତ୍କଳମଣି ଗୋପବନ୍ଧୁଙ୍କ ପରେ ତାହାର ଜନ୍ମଦାତା ମଧୁସୂଦନଙ୍କୁ ହରାଇବାରୁ ଗଭୀର ଦୁଃଖପ୍ରକାଶ କରିଥିଲେ । ମଧୁବାବୁ ଯେ 'ଉତ୍କଳଷ୍ଟୋନେସ' କରିଯାଇ ଅଛନ୍ତି ବିହାର ଓଡ଼ିଶା କାଉନସିଲରେ ସଦସ୍ୟ ତଥା ମନ୍ତ୍ରୀରୂପେ ଥାଇ ସ୍ୱାୟତ୍ତ ଶାସନର ଆଇନ ପ୍ରଣୟନ କରି ଯାଇଅଛନ୍ତି ଓ ବଙ୍ଗ ଆଜି ଯେଉଁ ସାର ଅଶୁତୋଷ ମୁଖାର୍ଜିଙ୍କ ପାଇଁ ଗର୍ବିତ ସେ ତାଙ୍କର ଗୁରୁ ଶିକ୍ଷକରୂପେ କାର୍ଯ୍ୟ କରି ତାଙ୍କୁ ଏତେବଡ଼ କରି ଯାଇଅଛନ୍ତି ଏବଂ ସବୁକ୍ଷେତ୍ରରେ ସୁନାମ ଅର୍ଜନ କରିପାରିଥିଲେ ବୋଲି ସମସ୍ତେ ବକ୍ତୃତା ଛଳରେ କହିଥିଲେ । ତାହାପରେ ସଭାପତି ମହୋଦୟ ସରଳ ଓ ସୁନ୍ଦର ଭାବରେ ମଧୁବାବୁଙ୍କର ଗୁଣ ବର୍ଣ୍ଣନା କରିଥିଲେ ଓ କହିଲେ ଯେ ମଧୁବାବୁ କେବଳ ଓଡ଼ିଶା କାହିଁକି ସମଗ୍ର ଦେଶର ଜଣେ ଜନନାୟକ ଥିଲେ । ସେ ଓଡ଼ିଆ ଜାତି ପାଇଁ, ଓଡ଼ିଶା ପ୍ରଦେଶ ପାଇଁ ସର୍ବସ୍ୱାନ୍ତ ହୋଇଗଲେ ଓ ଶେଷରେ ଖୁବ ଦୁଃଖ ମୃତ୍ୟୁ ବରଣ କଲେ । ଅନ୍ୟାନ୍ୟ ମଧ୍ୟ ସଭାପତି ମହୋଦୟ ତାଙ୍କ ବକ୍ତୃତାରେ କହିଥିଲେ ଯେତେଦିନ ପର୍ଯ୍ୟନ୍ତ ଓଡ଼ିଆ ଜାତି ତଥା ଓଡ଼ିଶା ପ୍ରଦେଶ ଥିବ ସେତେଦିନ ପର୍ଯ୍ୟନ୍ତ ମଧୁବାବୁଙ୍କ ନାମ ଅମରାକ୍ଷରରେ ଉତ୍କଳ ବକ୍ଷରେ ଲେଖାହୋଇ ରହିଥିବ । ଶେଷରେ ସଭାପତି ମହୋଦୟ ନିମ୍ନଲିଖିତ ପ୍ରସ୍ତାବଟିକୁ ସଭାରେ ଆଗତ କରି ସମସ୍ତଙ୍କୁ ଦଣ୍ଡାୟମାନ ହୋଇ ତାହାକୁ ଅନୁମୋଦନ କରିବାପାଇଁ ଅନୁରୋଧ କରିଥିଲେ ।

ପ୍ରସ୍ତାବ—ଏ ସଭା ଉତ୍କଳର ପ୍ରଧାନ ଜନନାୟକ କୁଳବୃଦ୍ଧ ମଧୁସୂଦନଙ୍କ ବିୟୋଗରେ ଅନ୍ତରରୁ ଗଭୀର ଦୁଃଖ ପ୍ରକାଶ କରି ତାଙ୍କର ଅମର ଆତ୍ମାର ସଦ୍ଗତି ପାଇଁ ପରମପିତା ପରମେଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛି ।

ସଭାପତିଙ୍କର ଅନୁରୋଧ କ୍ରମେ ସଭାରେ ସମସ୍ତେ ଏକମିନିଟ କାଳ ନୀରବରେ ଦଣ୍ଡାୟମାନ ହୋଇ ଦୁଃଖପ୍ରକାଶ ସଙ୍ଗେ ସଙ୍ଗେ ଈଶ୍ୱରଙ୍କଠାରେ ପ୍ରାର୍ଥନା ପୂର୍ବକ ପ୍ରସ୍ତାବଟିକୁ ଅନୁମୋଦନ କରିଥିଲେ । ପରିଶେଷରେ ସଭାପତି ମହୋଦୟଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ କରି ଯାଇଥିଲା ।

ସହର ଓ ମଫସଲ ହାଲ

ବ୍ୟୋମଯାନରେ ଡାକ ଯିବ

ପୁରୀ, ତା ୧୩।୨।୩୪

ଶୁଣାଯାଏ ଏଥି ମଧ୍ୟରେ ପୋଷ୍ଟ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ପୁରୀକୁ ଆସିଥିଲେ । ସେ ବୁଝିଲେ ଠିକ କରୁଅଛନ୍ତି ଯେ ପୁରୀଠାରୁ ବ୍ୟୋମଯାନରେ କଲିକତାକୁ ଡାକ ଯିବା ଆସିବା କରିବ । ବର୍ତ୍ତମାନ ପୁରୀକୁ ପ୍ରାୟ ପ୍ରତିଦିନ ବ୍ୟୋମଯାନ ଆସୁଛି । କାଲି ଯୋଡ଼ାଏ ମସ୍ତବଡ଼ ବ୍ୟୋମଯାନ ସହରରେ ବୁଲୁଥିଲା । କାଲି ମଧ୍ୟ ଫେରି ଯାଇଅଛି, ଆଜି ଗୋଟାଏ ଯାନ ବ୍ୟୋମଯାନ ସହରରେ ଗୋଟାଏ ବେଳେ ବୁଲୁଥିଲା ।

ଶିବରାତ୍ରୀ ଜାଗରକୁ ଅତି କମରେ ଲୋକ ୫୦ହଜାର ହୋଇଥିଲେ । ଏବର୍ଷ ଖୁବ କମ ଲୋକଙ୍କର ସମାଗମ ହୋଇଥିଲା । ତାପରେ ପଣ୍ଡାଙ୍କ ଘରେ ଅନେକ ରମ୍ଭ ପଡ଼ିଥିଲା । ସେଠି ପିଲା ନାଚ ଓ ଗାନ ବଜାଣା ସବୁ କ୍ୟାମ୍ପରେ ହେଉଥିଲା । ସବୁ ବର୍ଷପରି ଏବର୍ଷ ରାସ୍ତାରେ ଗହଳ ହୋଇ ନ ଥିଲା । ଅଧିବର୍ଷ ଚାଣ୍ଡା ଚକ୍ରତୀର୍ଥଠାରୁ ବାନାମ୍ବରଙ୍କ ଯାଏ ରାସ୍ତାରେ କୌଣସି ଗାଡ଼ି ଲଢ଼ଦଅଯାଉ ନ ଥିଲା । କେବଳ ମଣ୍ଡିପ ଯାତାୟାତ କରୁଥିଲେ । ଗାଡ଼ିସବୁ ଅନ୍ୟ ରାସ୍ତାରେ ବୁଲି ଯାଉଥିଲା ଏବର୍ଷ ସେପରି କିଛି ବନ୍ଦୋବସ୍ତ ନ ହୋଇ । ଏଥିରୁ ଯାତ୍ରୀମାନଙ୍କୁ ଅସୁବିଧା ହୋଇଥିଲା ।

କେମ୍ପ୍ରାଇମେରୀ ବିଦ୍ୟାଳୟର କୃତିତ୍ୱ

୧୧ ତାରିଖରେ କୋଲମଣ୍ଡପ ମାଣ୍ଡି କେମ୍ପ୍ରାଇମେରୀ ବିଦ୍ୟାଳୟର ପୁରସ୍କାର ବିତରଣୀ ସଭା ସର୍ବଶ୍ରୀ ଶରତଚନ୍ଦ୍ର ବୋଷଙ୍କ ସଭାପତିତ୍ୱରେ ହୋଇଥିଲା । ଖୁବ କମ ବୟସର ପିଲାମାନେ ବହୁଶଃ ଭକ୍ତିରସପୂର୍ଣ୍ଣ ଗାନ ପ୍ରଭୃତି କରିଥିଲେ । ତା ଅତୀବ ପ୍ରାଣସ୍ପର୍ଶୀ ।

ଅଦାଲତରେ ରାତି କଚେରୀ

ପୁରୀ, ତା ୧୧।୨।୩୪

ଆଜକୁ ୨ ମାସ ହେବ ପୁରୀ ଅଦାଲତର ୧ମ ମୁନସଫ ସାହେବ ନଥିବାରୁ ୨ୟ କୋର୍ଟ ମୁନସଫ ଉଭୟ କୋର୍ଟର ମୋକଦ୍ଦମା ବୁଝୁଛନ୍ତି । ଏଥିରେ ସାଧାରଣଙ୍କର ବହୁତ ଅସୁବିଧା ହେଉଛି । ଗତ କାଲି ଉକ୍ତ କୋର୍ଟରେ ତ୍ରିଶ ମୋକଦ୍ଦମା ଥିବାରୁ କଚେରୀ ରାତି ୮ଟା ପର୍ଯ୍ୟନ୍ତ ହୋଇଛି । ଏହାପରି ଆଉ କେତେ ଦିନ ହେବ ଲୋକମାନେ କିଛି ବୁଝିପାରୁ ନାହାନ୍ତି । ଆଶାକରୁ ୧ମ କୋର୍ଟ ଶୀଘ୍ର ମୁନସଫ ଆସି ଜନସାଧାରଣଙ୍କର ଦୁଃଖ ଦୂର କରିବେ ।

ବସନ୍ତ ପୁନର୍ବାର ବ୍ୟାପିଲା

ଗତ ତା ୭ ରିଖ ପର୍ଯ୍ୟନ୍ତ ପୁରୀରୁ ବସନ୍ତ କମି ଯାଇଥିଲା । ମାତ୍ର ତା ୭ ରିଖଠାରୁ ପ୍ରତି ସାହିରେ ବହୁଳ ପରିମାଣରେ ବସନ୍ତ ବ୍ୟାପିଲାଣି । ଏହି ମୃଦୁଦିନ ଭିତରେ ବହୁତ ଲୋକ ମଲେଣି ଓ ବହୁତ ନୂଆ ବସନ୍ତ ରୋଗୀ କବଳିତ ହେଲେଣି । ମ୍ୟୁନିସପାଲିଟି ଏହାର ବହୁତ ପ୍ରତିକାର କରନ୍ତୁ ।

ବେହାର ଭୂମିକମ୍ପକୁ ପୁରୀ ଜଗନ୍ନାଥ କ୍ଲବର ସାହାଯ୍ୟ

ଗତ କାଲି ପୁରୀ ଜଗନ୍ନାଥ କ୍ଲବରେ କ୍ଲବ ତରଫରୁ "ସତୀ ବିଦ୍ୟାଧର" ନାମକ ଗୋଟିଏ ନାଟକ ଅଭିନୀତ ହୋଇଥିଲା । ଉକ୍ତ ନାଟକ ଦେଖିବାକୁ ପ୍ରାୟ ୨୫୦ ଲୋକ ହୋଇଥିଲେ ଓ ଟିକେଟ ବିକ୍ରିରେ ଟ ୫୩୦୦ ଟଙ୍କା ଉଠିଥିଲା । ଉକ୍ତ ଉଠାଣି ଟଙ୍କା ମଧ୍ୟରୁ ଖର୍ଚ୍ଚ ବାଦ ଅବଶିଷ୍ଟ ଟଙ୍କା ବେହାର ଭୂମିକମ୍ପ ସାହାଯ୍ୟ କମିଟିକୁ ଦାନ କରାହେବ ବୋଲି ପ୍ରକାଶ ।

ପୁରୀରେ ଉଡ଼ାଜାହାଜ

ଅଜ ଦିନ ୧୦ଟା ବେଳେ କଲିକତାରୁ ଗୋଟିଏ ଉଡ଼ାଜାହାଜ ଆସି ବାଲିଆପଣ୍ଡା ଠାରେ ପଡ଼ିଛି । ସେ ଜାହାଜଟି ଏଠାରେ କେତେ ଦିନ ରହିବ କି ଫେରିଯିବ ତାହା ଜଣାନାହିଁ ।

ଉତ୍କଳର କୁଳବୃଦ୍ଧ ମଧୁସୂଦନଙ୍କ ପରଲୋକ ଖବର ପାଇ ଓଡ଼ିଶାର ଟାଉନ ମୋଫସଲ ପ୍ରତ୍ୟେକ ସ୍ଥାନରେ ନିମ୍ନପ୍ରାଥମିକ ସ୍କୁଲଠାରୁ ଆରମ୍ଭ କରି ବଡ଼ ବଡ଼ କଲେଜ ପର୍ଯ୍ୟନ୍ତ ଦିନକ ସକାଶେ ବନ୍ଦ ହୋଇଥିଲା । ମାତ୍ର ପୁରୀର ଏଡ଼୍ୱାର୍ଡ଼ ଏମ୍, ଇ, ସ୍କୁଲ ଘଣ୍ଟାକ ସକାଶେ ମଧ୍ୟ ବନ୍ଦ ହୋଇ ନଥିଲା । ଏହାର କାରଣ କଣ କିଛି ଜଣାଯାଉ ନାହିଁ । ବୋଧହୁଏ ଡିଷ୍ଟ୍ରିକ୍ଟ ଇନ୍‌ସପେକ୍ଟରଙ୍କ ଅଫିସ ମଧୁବାବୁଙ୍କ ପରଲୋକ ହେବା ଖବର ପାଇ ନାହାନ୍ତି ।

ଗୋବିନ୍ଦପୁର ଥାନା ଖବର

ଘରଭଙ୍ଗାଟଙ୍କା ବଣ୍ଟା

ଝରପଡ଼ା, ତା ୧୩।୨।୩୪

ଏହି ଗତ ୩୪ ଦିନ ହେଲା କଣ୍ଟାପଡ଼ା ବେଟିରେ ସରକାରଙ୍କ ତରଫରୁ ଲୋକଙ୍କୁ ଘରଭଙ୍ଗା ଟଙ୍କାସବୁ ମିଳୁଛି । ଅନେକ ଲୋକଙ୍କର ଘର ଭାଙ୍ଗିନା ସତ୍ତ୍ୱେ ସେମାନେ ଟଙ୍କା ପାଇଛନ୍ତି । ଟଙ୍କାଟା କମି ବା ଘର କେଉଁ ହିସାବରେ ଦିଆଯାଉଛି ତାହା ସର୍ବସାଧାରଣ ଜାଣି ପାରୁନାହାନ୍ତି । ଏ ବିଷୟ ଏବଂ ସାଧାରଣଙ୍କୁ କର୍ତ୍ତୃପକ୍ଷମାନେ ଜଣାଇବେ କି ? ଏହାପରେ ବୁଝାଯିବ କାର୍ଯ୍ୟ ଓ କଡ଼ା ସାହାଯ୍ୟ ମିଳିବାର କଣ ହେଉଛି କେଜାଣି ।

ମୂଦାରେ ବସନ୍ତ

ଏହି ୬୭ ଦିନ ହେଲେ ମୁଦାମୌଜାରେ ବସନ୍ତ ଆରମ୍ଭ ହୋଇଛି । ଲୋକାଲବୋର୍ଡ ଏଥିକୁ ଟିକେ ଶୀଘ୍ର ଦୃଷ୍ଟି ଦିଅନ୍ତୁ । ନଚେତ୍ ତାହା ନିକଟବର୍ତ୍ତୀ ଗ୍ରାମମାନଙ୍କରେ ବ୍ୟାପିଯିବ ।

ଚକାସିରେ ଭୂମିକମ୍ପ

ଚକାସି, ତା ୧୨।୨।୩୪

ଗତକାଲି ତା ୧୧ ରିଖରେ ରାତ୍ର ୮ ଘଣ୍ଟା ୩୫ ମିନିଟ ସମୟରେ ସାମାନ୍ୟ ଭୂମିକମ୍ପ ହୋଇଥିଲା, ମାତ୍ର ତାହାର କିଛି କ୍ଷତି ହୋଇନାହିଁ । ଶ୍ରୀ ଜଗବନ୍ଧୁ ବାବୁ ଟୋକେ କାଟିଥିବା ହୁଡ଼ା ଦେଇ କରି ଟ ୨୯ ହରିଜନ ସ୍କୁଲକୁ ସାହାଯ୍ୟ ଦେଇ ଅଛନ୍ତି ଏବଂ ଭୂମିକମ୍ପ ସମ୍ବନ୍ଧରେ କିଛି ସାହାଯ୍ୟ ଦେବେ ବୋଲି କହି ଅଛନ୍ତି ।

ନରହରି ପୁର ଶାସନବାସୀ ଶ୍ରୀ ରଘୁନାଥ ମିଶ୍ର କଲିକତା କାଳୀ ଦର୍ଶନ କରି ଫେରିବା ସମୟେ ଚକାସିରେ ଆଶ୍ରୟ ନେଇଥିଲେ । କିନ୍ତୁ ହଠାତ ତାଙ୍କ ମୃତ୍ୟୁ ହେବାରୁ ଏଠା ଭଦ୍ରଜନ ଓଡ଼ିଆମାନେ ମିଳି ତାଙ୍କର ଶବ ସତ୍କାର କରିଥିଲେ ଏବଂ ଦଶାହ ଦିନ ମଧ୍ୟ ଦଶାହ କାର୍ଯ୍ୟ ବିଧିମତ କରିଥିଲେ ।

ମୟୂରଭଞ୍ଜ ସମ୍ବାଦ

ବାରିପଦା, ତା ୧୩।୨।୩୪

ମଇଡ଼ାପୁରରେ କୃଷ୍ଣଚନ୍ଦ୍ର ନାଟକଦଳ ବାରିପଦାରେ ପ୍ରଥମଦିନ 'ଶ୍ରୀମନ୍ଦିର' ଦ୍ୱିତୀୟଦିନ 'ସୁଦାମା' ଓ ତୃତୀୟଦିନ 'ପାଷାଣୀ' ଅଭିନୟ ଦେଖାଇଥିଲେ । 'ପାଷାଣୀ' ଅଭିନୟ ସର୍ବୋତ୍କୃଷ୍ଟ ହୋଇଥିଲା । ବାବୁ ଗୌରଚନ୍ଦ୍ର ଦାସଙ୍କର ସୁଦାମା ଓ ଚରିତ୍ର ଅଭିନୟ ଦେଖି ଏଠାକାର ଶିକ୍ଷିତସମାଜ ଭୂରି ଭୂରି ପ୍ରଶଂସା କରୁଛନ୍ତି ।

ଆଗାମୀ ଶୁକ୍ରବାର ଶେଷଅଭିନୟ ଦେଖାଇବେ । ସେ ଦିନ ବାବୁ ବାଞ୍ଛାନିଧି ମହାନ୍ତିଙ୍କ ଜାତୀୟସଙ୍ଗୀତ ଗାନ କରିବେ । ଶୀଘ୍ର ଏଦଳ ଏକ ଅଭିନୟ ଦେଖାଇ ଭୂମିକମ୍ପ ପାଣ୍ଠିକୁ ସାହାଯ୍ୟ ପଠାଇବେ ।

ଶିକ୍ଷାସମ୍ମିଳନୀ ଓ ପ୍ରଦର୍ଶନୀ

ଆଗାମୀ କାଲିଠାରୁ ତା ୨୧ ରିଖ ପର୍ଯ୍ୟନ୍ତ ଏକ ସପ୍ତାହକାଳ ଷ୍ଟେଟର ପ୍ରାଇମେରୀ ଶିକ୍ଷକ ଓ ସ: ଇ: ମାନଙ୍କୁ ନେଇ ଏକ ଶିକ୍ଷାସମ୍ମିଳନୀ ଓ ପ୍ରଦର୍ଶନୀ ବସିବ । ବ୍ୟାୟାମ ବିଶାରଦ ବାବୁ ରାଧାଶ୍ୟାମ ଦାସ ବ୍ୟାୟାମ କସରତ ଦେଖାଇବେ ବୋଲି ଏଠାରେ କାଳ ଘଣ୍ଟ ପଡ଼ିଛନ୍ତି ।

ବାଲେଶ୍ୱରର ସମ୍ବାଦ

ବାଲେଶ୍ୱର, ତା ୧୩।୨।୩୪

ନିମ୍ନଲିଖିତ ଭଦ୍ରଲୋକମାନେ ସ୍ୱତନ୍ତ୍ର ପ୍ରସାଦଙ୍କୁ ଭୂମିକମ୍ପ ସାହାଯ୍ୟ ବାବଦ ଟଙ୍କା ପଠାଇଛନ୍ତି । କଂଗ୍ରେସ କର୍ମୀମାନଙ୍କ ଉଦ୍ୟମରେ ଏହା ହୋଇଅଛି । ବର୍ତ୍ତମାନ ଫୁଲଗୁଡ଼ି ବଡ଼ମାଆ ଟ ୨୫୯, ପ୍ରାଣକୃଷ୍ଣ ସାହୁ ଟ ୨୵, ସ୍ୱପ୍ନକୃଷ୍ଣ ଦାସ ଟ ୨୯, ଦବାକର ଘଡ଼ାଇ ଟ ୧୵, ଗଙ୍ଗାଧର ମହାପାତ୍ର ଟ ୧୯, ରମାକାନ୍ତ ପାଣିଗ୍ରାହୀ (ଖଣ୍ଡାପଡ଼ା) ଟ ୫୯, କମଳ ପ୍ରସାଦ ପଣ୍ଡା, ଶାନ୍ତାପଡ଼ା ଟ ୨୯ ଓ ଶ୍ରୀଧର ପାଣିଗ୍ରାହୀ ଟ ୧୦ । ମୋଟ ଟ ୩୮୯ ।

ଅବଶିଷ୍ଟ ଟଙ୍କା ଆଦାୟ ହେଉଛି । ପରେ ପଠାଇ ଦିଆଯିବ ।

ଗତ ତା ୨୯ ରିଖରେ ବାଲେଶ୍ୱର ଲୋକେଲ ବୋର୍ଡ ନିର୍ବାଚନ ହୋଇ ଯାଇଛି । ଶ୍ରୀଯୁକ୍ତ ରତ୍ନାକାନ୍ତ ପଟ୍ଟନାୟକ ଚେୟାରମେନ ଓ ରସିକବିହାରୀ ଦାସ ଭାଇସ ଚେୟାରମେନ ନିର୍ବାଚିତ ହୋଇଛନ୍ତି । ରତ୍ନାକାନ୍ତ ବାବୁ ଚେୟାରମେନ ହେବା ଫଳ ରକ୍ଷାଗଡ଼ ଗୋପାଳଙ୍କ ଗଣ ପୂଜା ହୋଇଅଛି । ଚେୟାରମେନ ପଦ ଅଙ୍କାରକ ଦୁର୍ଲ୍ଲଭ ସ୍ଥାନ ନୁହେଁ ।

ପୁରୁଣା ବାଲେଶ୍ୱର ଗ୍ରାମ ବାଲେଶ୍ୱର ସହରରେ ଗୋଟିଏ ପ୍ରଧାନ ବସ୍ତି । ସହରରୁ ସେଗ୍ରାମକୁ ସଡ଼କରେ ଯିବାକୁ ହେଉଥିଲା । ଗତ ଦୁଇବର୍ଷ ହେଲା ବୁଢ଼ାବଳଙ୍ଗ ନଦୀ ଉକ୍ତ ସଡ଼କକୁ ଖାଇ ଯାଇଛି । ଯିବାର ରାସ୍ତା ଏକେବାରେ ବନ୍ଦ ହୋଇଛି । ଲୋକେ ସ୍ୱୀ କାହା ତା' ଘର ମଧ୍ୟରେ ଦୁର୍ଭବର୍ଷ ହେଇ ଯିବା ଆସିବା କରୁଛନ୍ତି । ସରକାରଙ୍କ ତରଫରୁ ସଡ଼କ ଅନ୍ୟରାସ୍ତା ଦେଇ ଖୋଲିବାର ବ୍ୟବସ୍ଥା ହେବାର କଥା । କିନ୍ତୁ ଶୀଘ୍ର ନହେଲେ ଲୋକେ ଅତି ହଇରାଣ ହେବେ । ପୁଣି ଉକ୍ତ ସଡ଼କ ନଦୀ ଗର୍ଭରେ ସେଉଁଟି ପଡ଼ୁଛି, ସେଠାରେ ଗାଳ ଗମ୍ଭୀର । ୩,୪ ଦିନ ତଳେ ସେହି ସ୍ରୋତରେ ଯାଉଁ ଯାଉଁ ବାଳୁଙ୍ଗାଏ ନଈରେ ପଡ଼ି ମରି ଗଲା । ଏହାପରେ ଘଟଣା ଆଗରୁ କେତେଥର ଘଟିଗଲାଣି । ସେଠାରେ ସଡ଼କ ଭାର ଦ୍ୱାର ଶୀଘ୍ର ବନ୍ଦ କରିଦେବା ଉଚିତ । ବାଲେଶ୍ୱର କଲେକ୍ଟର ଓ ମ୍ୟୁନିସପାଲିଟି ସେ ବିଷୟରେ ଶୀଘ୍ର ମନୋଯୋଗୀ ହୁଅନ୍ତୁ ।

ଆଗାମୀ ତା ୨୨ରିଖରେ ମାହାଲ ଏବଂ ହସ୍ତର ନିଲାମ ହେବ । ଯେଉଁମାନଙ୍କର ଖଜଣା ବାକିଅଛି, ସେମାନେ ବଡ଼ଲରେ ଥାଇ ଦୌଡ଼ କରି ପ୍ରଜାମାନଙ୍କୁ ଅଥୟ କରୁଛନ୍ତି । ବାଲେଶ୍ୱର ସହରର ବଡ଼ ବଡ଼ ଜମିଦାରମାନେ ବର୍ତ୍ତମାନ ମଫସଲରେ । ଏହି ଫସଲ ଅମଳ ବେଳେ ଛଡ଼ାଇଲେ ସେ ସର୍ବସ୍ୱ ଯିବ । ତେଣୁ ଜମିଦାରମାନଙ୍କର ପ୍ରଜାମାନଙ୍କ ଉପରେ ଭାରି ଜୁଲମ ।

ଏଣେ ତା ୨୨ ରିଖ ନିଲାମର ସୁଯୋଗ ନେବାକୁ କେତେକ ପଇସାବାଲା ଲୋକ ଛିଡ଼ା ହୋଇ ରହିଲେଣି । ଏ ପ୍ରହସନ ଆଉ କେତେଦିନ ଚାଲିବ ?

ବାଲେଶ୍ୱର ଜିଲ୍ଲାରେ ଲକ୍ଷ୍ମଣନାଥର ମହାଶୟ ଏକ ବଡ଼ ଓ ପ୍ରତିଷ୍ଠାବାନ ଜମିଦାର । ତାଙ୍କର ଜମିଦାରୀର ଅଧିକାଂଶ ହେଉଛି ମାହାଲ—ଅର୍ଥାତ୍ ଚିରସ୍ଥାୟୀ ବନ୍ଦୋବସ୍ତ । ତେଣୁ ତାଙ୍କର ଆୟ ଅନ୍ୟ ବଡ଼ ବଡ଼ ଜମିଦାରଙ୍କଠାରୁ ମଧ୍ୟ ଅଧିକ । କିନ୍ତୁ ଦୁଃଖର କଥା, ତାଙ୍କର ୪୫ ହଜାର ଟଙ୍କା ରାଜସ୍ୱର ଜମିଦାରୀ ଟ ୪୦୦୦ଟା ବାକିରେ ଗତ ତା ୫ ରିଖରେ ୭ହଜାର ଟଙ୍କାକୁ ନିଲାମ ହୋଇଯାଇଛି । ଏ ଘଟଣାରେ ବାଲେଶ୍ୱରରେ ବଡ଼ ହଇଚଇ ପଡ଼ିଯାଇଛି ।

ବାଲେଶ୍ୱର ହରିଜନ ସେବକସଙ୍ଘ ଜିଲ୍ଲାର ହରିଜନ ଛାତ୍ରମାନଙ୍କୁ ସ୍ଲେଟ ଓ ବହି ଯୋଗାଇବାର ଘୋଷଣା କରିଥିଲେ । ଯେଉଁ ସ୍କୁଲ ଶିକ୍ଷକମାନେ ହରିଜନ ପିଲାଙ୍କ ଅଭାବ ଜଣାଇଥିଲେ ସେମାନଙ୍କୁ ସ୍ଲେଟ ବହି ଦିଆଗଲାଣି । କିନ୍ତୁ କେତେଜଣ ହରିଜନ ଛାତ୍ରଙ୍କୁ ଭୋଜନ ଦେଇ ବାଲେଶ୍ୱର ସହରରେ ପଢ଼ାଇବାକୁ ଯେଉଁ ଘୋଷଣା କରିଥିଲେ । ଆଜି ପର୍ଯ୍ୟନ୍ତ କୌଣସି ଛାତ୍ର ପଢ଼ିବାକୁ ଆସିଲେ ନାହିଁ । ଏଥିଲାଗି ସଙ୍ଘର ସଭ୍ୟମାନେ ଦୁଃଖିତ ଅଛନ୍ତି ।

Printed and Published by Radhanath Rath, for the People Ltd Lahore, at The Satyabadi Press,Cuttack,

ସମ୍ପାଦକ—ଲିଙ୍ଗରାଜ ମିଶ୍ର

ପରିଚାଳକ—ରାଧାନାଥ ରଥ